ସକାଳ
THE SAKALA



# ନିଖୋଜ ସୁରକ୍ଷା କର୍ମୀ ଗଲେ କୁଆଡ଼େ

## ● ୧୮ ଦିନ ପରେ ବି ମିଳୁନି ପତ୍ତା

**ସୁନ୍ଦରଗଡ଼/ହେମଗିରି, ୨୪।୪(ସମିସ):** ଏପ୍ରିଲ ୬ ତାରିଖ ରାତି ପ୍ରାୟ ଅଢ଼େଇଟାରୁ ହେମଗିରି ମେଗା ପ୍ରୋଜେକ୍ଟ ସାଇଡ



ଅଫିସ୍ ଷ୍ଟକ୍ ୟାର୍ଡରୁ ନିଖୋଜ ହୋଇଥିବା ସୁରକ୍ଷା କର୍ମୀ ହେମଗିରି ଗ୍ରାମର ନବୀନ ସିଂ (୪୫)ଙ୍କର ଅଦ୍ୟାବଧି ପତ୍ତା ମିଳିନାହିଁ। ନବୀନ ମେଗା ପ୍ରୋଜେକ୍ଟର ସାଇଡ୍ ଅଫିସ ଷ୍ଟକ ୟାର୍ଡରେ ନିୟୋଜିତ ଥିଲେ। ପ୍ରହରା ପାଇଁ ସେ ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକ ନେଇ ଯାଉଥିଲେ। ଘଟଣା ଦିନ ସେ ନାଇଟ ସିଫ୍ଟ ଡ୍ୟୁଟି ଯାଇ ଆଉ ଘରକୁ ଫେରି ନ ଥିଲେ। କାର୍ଯ୍ୟରତ ସହକର୍ମୀଙ୍କ କହିବା ଅନୁଯାୟୀ ରାତି ପ୍ରାୟ ୨ଟା ୩୦ ଯାଏ ତାଙ୍କ ହ୍ୱିସିଲ ଶୁଣାଯାଉଥିଲା। ଏହା ପରେ ଆଉ ଶୁଣାଯାଇ ନ ଥିଲା। ତାଙ୍କ ବାଇକ ମଧ୍ୟ ସାଇଡ ଅଫିସ ନିକଟରେ ଥିଲା। ମାତ୍ର ତାଙ୍କ ପତ୍ତା ମିଳି ନ ଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାସ୍ଥଳକୁ ସନ୍ଧାନୀ କୁକୁର ନିଆଯାଇ ଅନୁସନ୍ଧାନ କରାଯାଇଛି। ସେହିପରି ସ୍ଥାନୀୟ ଜଙ୍ଗଲରେ ବନ ବିଭାଗ ସହାୟତାରେ ତଲାସୀ ହୋଇଛି। ମାତ୍ର ନବୀନଙ୍କ ପତ୍ତା ମିଳିନାହିଁ। ତାଙ୍କ ବନ୍ଧୁକ ମଧ୍ୟ ଠାବ ହୋଇନି। ଏଣୁ ନବୀନ ମୃତ ନା ଜୀବିତ, ଯଦି ଜୀବିତ ତେବେ ସେ କୁଆଡ଼େ ଗଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସ୍ଥିତିରେ ତାଙ୍କ ପରିବାର ଲୋକେ ଘୋର ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି। ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଏହି ଘଟଣା ଉପରୁ ପରଦା ଉଠାଇବାକୁ ଦାବି ହେଉଛି।

# କରୁଆବାହାଲ ଜଙ୍ଗଲରେ ଲାଗିଲା ନିଆଁ

## ● ଅଳ୍ପକେ ବର୍ତ୍ତିଲା ନିକଟରେ ଥିବା ଘର



**ବାଲିଶଙ୍କରା, ୨୪।୪(ସମିସ):** ସୁନ୍ଦରଗଡ଼ ବନଖଣ୍ଡ ରାଉଲଡେଗା ସେକ୍ସନ ବାଲିଶଙ୍କରା କରୁଆବାହାଲ ବୁନ୍ଦେଲ ଜଙ୍ଗଲରେ ମହୁଲଫୁଲ ସଂଗ୍ରହ ପାଇଁ କୌଣସି ଅଜଣା ବ୍ୟକ୍ତି ନିଆଁ ଲଗାଇ ଦେଇଥିବାରୁ ହଠାତ ହୁତୁହୁତୁ ହୋଇ ନିଆଁ ଜଳିଥିଲା।

ଏହି ନିଆଁରେ ଜଙ୍ଗଲ ନିକଟରେ ଥିବା ମାନୁଏଲ ଏକ୍କାଙ୍କ ବଗିଚା ସହ ପାଳଗଦା ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ତେବେ ସୌଭାଗ୍ୟ ବଶତଃ ମାନୁଏଲଙ୍କ ଘର ନିଆଁ ପ୍ରକୋପରୁ ବର୍ତ୍ତିଯାଇଛି। ନିଆଁ ଲାଗିବା ସମୟରେ ମାନୁଏଲ ଓ ତାଙ୍କ ପରିବାର ଲୋକେ ଘରେ ନ ଥିଲେ। ନିଆଁ ଲାଗିଥିବା ଦେଖି ପ୍ରଦୀପ ନନ୍ଦ ଜଙ୍ଗଲ ବିଭାଗ ଏବଂ ଦମକଳ ବାହିନୀକୁ ଖବର ଦେଇଥିଲେ। ବନପାଳ ଅକ୍ଷୟ କୁମାର ସାହୁ, ବନରକ୍ଷୀ ଗାମାଚରଣ ନାଏକ, ଖିରୋଦ କରାଳି ଏବଂ ଦମକଳ ବାହିନୀର ଲିଙ୍କା ବଞ୍ଜାରା, ରଞ୍ଜିତ ମିଞ୍ଜ, ମଙ୍ଗଳ ନାଏକ, ବି. ଓରାମ, କେଏସ ମହାନ୍ତ ଟିମ୍ ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ସୁନ୍ଦରଗଡ଼ରେ ବେଆଇନ ପାଉଁଶ ଗଦା



**ସୁନ୍ଦରଗଡ଼, ୨୪।୪(ସମିସ):** ସମ୍ପ୍ରତି ସୁନ୍ଦରଗଡ଼ ସଦର ବ୍ଲକ ମସ୍ନିକାନୀ ନିକଟରେ ଝାରସୁଗୁଡ଼ା ଜିଲ୍ଲାର କାରଖାନାଗୁଡ଼ିକରୁ ନିର୍ଗତ ପାଉଁଶ ବେଆଇନ ଭାବେ ପକାଯାଉଥିବା ଅଭିଯୋଗ ହୋଇଛି। ପ୍ରତିଦିନ ଭାରୀଯାନ ଯୋଗେ ଏହି ପାଉଁଶ ଅଣାଯାଇ ପାହାଡ଼ ସଦୃଶ ଗଦା କରାଯାଉଛି। ଫଳରେ ଏହା ପବନରେ ଉଡ଼ି ଚାଷଜମିମାନଙ୍କରେ ପଡୁଛି। ବର୍ଷାଦିନେ ଏହା ପାଣିରେ ମିଶି ନିକଟସ୍ଥ ଚାଷଜମିଗୁଡ଼ିକରେ ମାଡ଼ିଯିବା ସମ୍ଭାବନା ରହିଛି। ଚାଷ ଉପରେ ଏହା କୁପ୍ରଭାବ ପକାଇବ ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ କରୁଛନ୍ତି। ଅତୀତରେ ଏପରି ବେଆଇନ ପାଉଁଶ ପକାଯିବା ବିରୋଧରେ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରିକି ଯୋଗିମାଲଠାରେ ଲୋକେ ରାସ୍ତା ଅବରୋଧ ମଧ୍ୟ କରିଥିଲେ। ତଥାପି ଏପରି ବେଆଇନ କାରାବାରରେ ରୋକ୍ ଲାଗୁ ନାହିଁ। ଏହା ପଛରେ ଏକ ର୍ୟାକେଟ୍ କାମ କରୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଏହାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଘର ଉପରେ ଓହଳିଛି ୧୧ କେଭି ବିଦ୍ୟୁତ ତାର

# ଅଭିଯୋଗ କଲେ ନାଲିଆଖି ଦେଖାଉଛନ୍ତି ଟାଟାପାୱାର କର୍ମଚାରୀ

**ସୁନ୍ଦରଗଡ଼, ୨୪।୪(ସମିସ)**

ଟିପିଡବ୍ଲ୍ୟୁଓଡିଏଲର ଭେଡ଼ାବାହାଲ ସେକ୍ସନ ଦେଉଳି ରଙ୍ଗାମଟିଆ ଗ୍ରାମର ସୀତାରାମ ନାଏକଙ୍କ ଘର ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଓହଳିପଡ଼ି ଘର ଆଜବେଷ୍ଟସକୁ ଛୁଇଁଥିଲେ ହେଁ ଏହାକୁ ହଟାଯାଉ ନ ଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ତଳୁ ସୀତାରାମଙ୍କ ଘର ଉପରେ ଉକ୍ତ ଉଚ୍ଚ କ୍ଷମତାସମ୍ପନ୍ନ ବଦ୍ୟୁତ ତାର ଓହଳି ରହିଛି। ଫଳରେ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏହାକୁ ହଟାଇବାକୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର କାକୁତି ମିନତି କରୁଛନ୍ତି। ମାତ୍ର ସେକ୍ସନସ୍ତରୀୟ କର୍ମଚାରୀମାନେ ବିଦ୍ୟୁତ ତାର ହଟାଇବା ପରିବର୍ତ୍ତେ ତାଙ୍କୁ ନାଲିଆଖି ଦେଖାଉଛନ୍ତି। ୧୧ କେଭି ବିଦ୍ୟୁତ ଲାଇନ ତଳେ ସେ ବେଆଇନ ଭାବେ ଘର ନିର୍ମାଣ କରିଥିବାରୁ ଅଘଟଣ ଘଟିଲେ ନିଜେ ଦାୟୀ ରହିବେ ବୋଲି ଧମକ ଦେଉଛନ୍ତି। ଏପରିକି ଘର ହଟାଇବାକୁ ଇତିମଧ୍ୟରେ ତାଙ୍କୁ ନୋଟିସ ମଧ୍ୟ ଦିଆଯାଇଛି। ଅନ୍ୟପଟେ ଉକ୍ତ ଘର ନିଜ ରୟତି ଜମିରେ ଥିବାରୁ ସୀତାରାମ କାହିଁକି ଘର ହଟାଇବେ ଏବଂ ନୂତନ ଘର ନିର୍ମାଣ ଖର୍ଚ୍ଚ କିଏ ବହନ କରିବ ବୋଲି ପ୍ରଶ୍ନ ଉଠାଉଛନ୍ତି। ଫଳରେ ଏଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତି ମୁହୂର୍ତ୍ତରେ ବିପଦ ଆଶଙ୍କା ରହିଛି। ଏ ନେଇ ଟିପିଡବ୍ଲ୍ୟୁଓଡିଏଲର ସୁନ୍ଦରଗଡ଼ ଏସଡିଓ ତୁଷାର ନାଏକଙ୍କୁ ପଚାରିବାରୁ, ଯଦି ଏପରି ଘଟିଛି, ତେବେ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



## ବିଜେଡିର ବୁଥସ୍ତରୀୟ କର୍ମୀ ସମ୍ମିଳନୀ

# ଶଙ୍ଖ ଧରିଲେ ସିପିଆଇଏମ୍ କର୍ମୀ



**ବଣାଇଁ, ୨୪।୪(ସମିସ):** ବଣାଇଁ ବ୍ଲକ ରୁଗୁଡ଼ା ପଞ୍ଚାୟତରେ ବଣାଇଁ ବିଜେଡି ପକ୍ଷରୁ ବୁଥସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଗାମୀ ନିର୍ବାଚନରେ ପ୍ରତ୍ୟେକ ବୁଥରେ ବିଜେଡିକୁ କିପରି ଅଧିକରୁ ଅଧିକ ଭୋଟ ମିଳିବ ସେ ନେଇ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସିପିଆଇଏମ୍ ଦଳ ପରିତ୍ୟାଗ କରି ବହୁ କର୍ମୀ ଏହି ଅବସରରେ ବିଜେଡିରେ ଯୋଗଦେଇଥିଲେ। ନୂତନ କରି ବିଜେଡିରେ ଯୋଗଦେଇଥିବା ବ୍ରାହ୍ମଣୀଦର ଗ୍ରାମର ଫଗୁ କିଶାନ, ଦୟାନିଧି କିଶାନ, ଗିରିଧାରୀ କିଶାନ, କାହ୍ନୁ କିଶାନ, ସୁରେନ୍ଦ୍ର କିଶାନ, ଶ୍ରୀନାଥ କିଶାନ, ଅନିଲ କିଶାନ, ଭାରତ କିଶାନ ଏବଂ ସିହିଡିଆ ଗ୍ରାମର ଲକ୍ଷ୍ମୀ କୁଅଁର, ଭାରତୀ ଭୋଇ, ଇନ୍ଦୁ କୁଅଁର, ମାଳତୀ ପାହୁଲେ, ସୁଚିତ୍ରା ନାୟକ, ପଦ୍ମ ପାତ୍ର ପ୍ରମୁଖଙ୍କୁ ଜିଲ୍ଲା ପରିଷଦ ସଭ୍ୟ ସାହୁ ଉପଢୌକନ ଦେଇ ଦଳରେ ସ୍ୱାଗତ କରିଥିଲେ। ଏମାନଙ୍କ ଯୋଗଦାନ ଆଗାମୀ ଦିନରେ ରୁଗୁଡ଼ା ପଞ୍ଚାୟତ ତଥା ବଣାଇଁ ବିଧାନସଭା କ୍ଷେତ୍ରରେ ବିଜେଡିର ଶକ୍ତି ବୃଦ୍ଧି କରିବ ବୋଲି ସେ ପ୍ରକାଶ କରିଥିଲେ।

# ବିଜେଡିର ବୁଥସ୍ତରୀୟ ବୈଠକ



**ସୁନ୍ଦରଗଡ଼, ୨୪।୪(ସମିସ):** ତଳସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଶଙ୍କରା ବ୍ଲକ ଶାଗବାହାଲ ଓ ଲୁଲୁକିଡିହି ପଞ୍ଚାୟତରେ ବିଜେଡିର ବୁଥସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି କେଶବ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ ଯୋଗଦେଇ ଚଳିତ ସାଧାରଣ ନିର୍ବାଚନରେ ବୁଥ ସ୍ତରରେ କିଭଳି ନିର୍ବାଚନ ପରିଚାଳନା କରାଯିବ ସେ ନେଇ କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବୈଠକରେ ଲୋକସଭା ପ୍ରାର୍ଥୀ ଡ. ଦିଲୀପ ତିର୍କୀ ଏବଂ ବିଧାନସଭା ପ୍ରାର୍ଥୀ ଡ. ବିନୟ ଟପ୍ପୋଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଜିଲ୍ଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ପୂର୍ବତନ ବ୍ଲକ ବିଜେଡି ସଭାପତି ଶିଶିର ସାହୁ, ସମିତି ସଭ୍ୟା ସୁସ୍ମିତା ମିଞ୍ଜ, ଲାଲମୋହନ ମିଞ୍ଜ, ଶେଖ ଜୈକୁଲା, ଏମଡି ନାହିଦ୍, ଶିବନାରାୟଣ କୁଜୁର, ଅରୁଣ ସାହୁ, ସଞ୍ଜୟ ବାରିକ, ବୀରେନ୍ଦ୍ର ମାଝୀ, ମାଲୁ ଦଣ୍ଡସେନା, ଅଷ୍ଟମୀ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବୈଠକରେ ଉଭୟ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇଥିଲେ।

# ଜବାହର ନବୋଦୟ ବିଦ୍ୟାଳୟରେ ସ୍ୱାଗତ ସମାରୋହ

**ସୁନ୍ଦରଗଡ଼, ୨୪।୪(ସମିସ):** ପିଏମଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ନୂଆକରି ଷଷ୍ଠ ଶ୍ରେଣୀରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ବୁଧବାର ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ନୂତନ ଛାତ୍ରଛାତ୍ରୀ ନିଜ ପରିଚୟ ଓ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷ ତାପସ କୁମାର ଚଟୋପାଧ୍ୟାୟ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାର ଉପାୟ ସମ୍ପର୍କରେ ବୁଝାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ଖେଳ, ନାଚ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଓ ଏକାଦଶ ଶ୍ରେଣୀ ପିଲାଙ୍କ ଦ୍ୱାରା ପ୍ଲାଷ୍ଟିକବିହୀନ ସାଜସଜ୍ଜା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ସଙ୍ଗୀତ ଶିକ୍ଷୟିତ୍ରୀ ଅରୁଣା ଦାଶ ଓ ନନ୍ଦିନୀ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସାର୍ଗୁକିଶାନ ବିଦ୍ୟାପୀଠରେ ବିଇଓଙ୍କ ସମ୍ବର୍ଦ୍ଧନା ଉତ୍ସବ

**କୁତ୍ରା, ୨୪।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାସ୍ଥିତ ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ କୁତ୍ରା ବିଇଓ ଶରତ କୁମାର ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଅମରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ତୁନମୁରା କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏବିଇଓ ଲକ୍ଷ୍ମଣ ଜାମୁଦା, ନିରଞ୍ଜନ ରାଉଳ, ମୀନା କୁମାରୀ ଜେନା, ତୁନମୁରା ସରପଞ୍ଚ ତରଣୀସେନ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ବିଇଓ ପତି ତାଙ୍କ ଅଭିଭାଷଣରେ ଏହା ଏକ ନିଆରା କାର୍ଯ୍ୟକ୍ରମ ବୋଲି କହିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଜ କର୍ତ୍ତବ୍ୟ ପ୍ରତି ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ କ୍ଲଷ୍ଟର ସିଆରସିସି ମିଲୁ ବରୁଆଙ୍କ ସମେତ ସିଆଲଯୋର ସେବାଶ୍ରମ ପ୍ରଧାନଶିକ୍ଷକ ଅରକ୍ଷିତ ବେହେରା ଓ ଲାଲଚନ୍ଦ ହରିଜନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ବାଗ, ସରୋଜ ସରା, ରିଙ୍କୁ ଭୋଇ, ତୁଷାର ତାଣ୍ଡି, ମନଭାଙ୍ଗି ନାଏକ, ସୁମିତ୍ରା ବାର୍ଲା, ଦ୍ରୌପଦୀ ସାହୁ, ଜିତେନ୍ଦ୍ର ବେହେରା, ସବିତା ଦାସ, ଭବାନୀ ନାଏକ, ଅଞ୍ଜଳି ତିଗ୍ଗା, ଉମାଶଙ୍କର ମଲ୍ଲିକ ଓ ରୋମାଞ୍ଚ ତାଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ।

# କୁତ୍ରା ଆମ୍ବ ବଗିଚାରେ ସାରହୁଲ ମହୋତ୍ସବ



**କୁତ୍ରା, ୨୪।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତେଲିଘଣା ଆମ୍ବ ବଗିଚାରେ ମଙ୍ଗଳବାର ୨୪ତମ ସାରହୁଲ ମହୋତ୍ସବ ପାଳିତ ହୋଇଛି। ଏଥିରେ କୁତ୍ରା, ରାଜଗାଙ୍ଗପୁର ଓ ବଡ଼ଗାଁ ବ୍ଲକର ବିଭିନ୍ନ ଗ୍ରାମରୁ ପ୍ରାୟ ୮ ହଜାର ଲୋକଙ୍କ ସମାଗମ ହୋଇଥିଲା। ପୂର୍ବାହ୍ନ ୮ଟାରେ ସମସ୍ତ ଗ୍ରାମର ଲୋକେ ଆମ୍ବ ବଗିଚାରେ ଏକତ୍ରିତ ହେବା ସହ ୯ଟାରେ ପ୍ରାର୍ଥନା ଓ ପୂଜାର୍ଚ୍ଚନା କରିଥିଲେ। ପରେ ସାରହୁଲ ସମ୍ବନ୍ଧୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା ବେଲ ପାଦାପାହାଡ଼ା ମାଙ୍ଗେ ଏକ୍କା, ଓଡ଼ିଶା ଦେୱାନ ପାଦା ପାହାଡ଼ା ମଞ୍ଜନ ଓରାମ, ମୁଖ୍ୟବକ୍ତା ଭାବରେ ତେଲିଘଣା ବେଲ ମୂଳି ପାହାଡ଼ ବିକ୍ରମ ମିଞ୍ଜ ଯୋଗଦେଇ ଏହି ସାମାଜିକ ଗଣପର୍ବ ପାଳନର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ମଙ୍ଗଳା କିଶାନ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ, ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କା, ନରସିଂହ ମିଞ୍ଜ, ଅନିଲ ବରୱା, ବନ୍ଦନା ଟପ୍ପୋ, ଲକ୍ଷ୍ମଣ ତିର୍କୀ, ଗନ୍ଧରୁ ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ତେଲିଘଣା ମୂଳି ପାହାଡ଼ ବେଲ ବିକ୍ରମ ମିଞ୍ଜ, ଦେୱାନ ନନ୍ଦ କୁଜୁର, ସୁଦାମ ବାର୍ଲା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଖେଳକୁଦ କଲେ, ଷ୍ଟାଡିୟମ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ଯୋଗେଶ



**ସୁନ୍ଦରଗଡ଼, ୨୪।୪(ସମିସ):** ବିଜେଡିର ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ବୁଧବାର ସକାଳେ ସ୍ଥାନୀୟ ଷ୍ଟାଡିୟମରେ ପହଞ୍ଚି ଖେଳକୁଦରେ ସାମିଲ ହୋଇଥିଲେ। ଏହି ଅବସରରେ ସେ କିଛି ସମୟ ଫୁଟବଲ ଓ ବ୍ୟାଡମିଣ୍ଟନ ଖେଳିବା ସହ ଜିମ୍‌ରେ ବ୍ୟାୟାମ ମଧ୍ୟ କରିଥିଲେ। ଉପସ୍ଥିତ କ୍ରୀଡ଼ାବିତଙ୍କ ସହିତ ଭାବବିନିମୟ କରି ତାଙ୍କ କ୍ରୀଡ଼ାବିତ ଜୀବନର କିଛି କଥା ମନେ ପକାଇଥିଲେ। ସେ ଫୁଟବଲ ଓ କ୍ରିକେଟ ଖେଳିବାକୁ ସାଇକଲରେ ଗାଁକୁ ଗାଁ ଯାଉଥିଲେ ବୋଲି କହି ଭଲ ଖେଳାଳି ହେବାପାଇଁ ଉତ୍ସାହିତ କରିଥିଲେ। କିଛିଦିନ ହେବ ମୋଟର ଖରାପ ହେବା ଯୋଗୁଁ ଖେଳପଡ଼ିଆରେ ପାଣି ସିଞ୍ଚନ ହେଉ ନ ଥିବାରୁ ଉଦବେଗ ପ୍ରକାଶ କରି ତୁରନ୍ତ ଏହାକୁ ସଜାଡ଼ିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଖେଳପଡ଼ିଆରେ ଗୋଡ଼ି ଉଠୁଥିବାରୁ ସେ ନିର୍ବାଚନରେ ବିଜୟୀ ହେଲେ ନିଶ୍ଚିତ ଏହାର ପ୍ରତିକାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଛି ବେଧଡ଼କ ନାଲି ଇଟା ପ୍ରସ୍ତୁତି

**ସୁନ୍ଦରଗଡ଼, ୨୪।୪(ସମିସ)**



କଟକଣା ସତ୍ତ୍ୱେ ସୁନ୍ଦରଗଡ଼ ଜିଲ୍ଲାରେ ବେଧଡ଼କ ନାଲି ଇଟା ପ୍ରସ୍ତୁତି ଚାଲିଛି। ତଥାପି ରାଜସ୍ୱ ବିଭାଗ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ସମ୍ପ୍ରତି ନାଲି ଇଟା ପ୍ରସ୍ତୁତି ଋତୁ ଚାଲିଛି। ଜିଲ୍ଲାର ଗାଁଗଣ୍ଡା ଚାରିଆଡ଼େ ଇଟାଭାଟି ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଚିମ୍ନି ଇଟା କାରଖାନା ମଧ୍ୟ ଚାଲିଛି। ଇଟା ଶ୍ରମିକମାନେ ଛାଞ୍ଚରେ ମାଟି ଇଟା ପ୍ରସ୍ତୁତ କରୁଛନ୍ତି। ଇଟା ଗଢ଼ାଳିଙ୍କ ପିଲାମାନେ ମାଟିମୁଣ୍ଡା ଧରାଉଥିବା ବେଳେ ତାଙ୍କ ସ୍ତ୍ରୀ ଗଢ଼ାଯାଉଥିବା ଇଟାକୁ ଖଳାରେ ଶୁଖାଉଛନ୍ତି। ଶ୍ରମିକମାନେ ତାଙ୍କ ପାଠ ପଢ଼ୁଆ ପିଲାଙ୍କୁ ମଧ୍ୟ ଏଥିରେ ନିୟୋଜିତ କରୁଥିବା ଦେଖିବାକୁ ମିଳୁଛି। ଠିକାଦାରମାନେ ଏହି ଶ୍ରମିକମାନଙ୍କୁ ଗତ ନୂଆଖାଇ ସମୟରୁ ଅଗ୍ରୀମ କିଛି ଟଙ୍କା ଦେଇ ବୁକିଂ କରିଛନ୍ତି। ଶ୍ରମିକଙ୍କ ଅଭାବ ଅନଟନର ସୁଯୋଗରେ ସେମାନେ ଫାଇଦା ଉଠାଉଛନ୍ତି। ବହୁ ଇଟା କାରିଗର ଦୂରଦୂରାନ୍ତକୁ ମଧ୍ୟ ଇଟା ଗଢ଼ିବାକୁ ଯାଇ ତାଙ୍କ ସମସ୍ତ ପିଲାଙ୍କୁ ନେଇ ଯାଇଛନ୍ତି। ଫଳରେ ଇଟାଗଢ଼ା ସମୟରେ ତାଙ୍କ ପିଲାଙ୍କ ପାଠପଢ଼ା ଘୋର ପ୍ରଭାବିତ ହେଉଛି। କେତେକ ପିଲା ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଦୂରଦୂରାନ୍ତକୁ ଇଟା ଗଢ଼ିବାକୁ ଯାଉଥିବା ଇଟା ଶ୍ରମିକମାନେ ବିଭିନ୍ନ ସମୟରେ ଠିକାଦାରଙ୍କ ଦ୍ୱାରା ଶାରୀରିକ, ମାନସିକ ନିର୍ଯାତନା, ଯୌନ ନିର୍ଯାତନା ଆଦିର ଶିକାର ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ, ମାଟିରେ ଇଟା ପ୍ରସ୍ତୁତି ଫଳରେ ମୃତ୍ତିକା କ୍ଷୟ ହେବାରେ ଲାଗିଛି। ନଈକୂଳମାନଙ୍କରେ ଇଟା ଗଢ଼ାଯାଉଥିବାରୁ ନଈ ପାଣି ଚାଷ ଜମିକୁ ମାଡ଼ି ଯିବା ସହ ବହୁ ଜମି ନଦୀ ଗର୍ଭରେ ବିଲୀନ ହେବା ଆଶଙ୍କା ରହିଛି। ଜଙ୍ଗଲିଆ ଜାଗାରେ ଗଛ କାଠରେ ଇଟା ପୋଡ଼ାଯାଉଛି। ଫଳରେ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଇଟା ପୋଡ଼ିବା ପାଇଁ ଅନୁମତିପ୍ରାପ୍ତ କୋଇଲା ମିଳୁ ନ ଥିବାରୁ ଏହାକୁ ପୋଡ଼ିବା ପାଇଁ କୋଇଲା ଚୋରି ଚାଲିଛି। କାଠ ଏବଂ କୋଇଲାରେ ଇଟା ପୋଡ଼ି ଯୋଗୁଁ ପରିବେଶ ପ୍ରଦୂଷିତ ହେଉଛି। ନାଲି ଇଟାଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ପାଲଟା ରାଜସ୍ୱ ବିଭାଗ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଉଛି। କେବଳ ଜରିମାନା କରାଯାଉଥିବାରୁ ଇଟାଭାଟି ମାଲିକଙ୍କୁ ବେଶ୍ ସୁହାଉଛି। ଏହି ନାଲି ଇଟା କାରବାରକୁ ଦୃଢ଼ ହସ୍ତରେ ଦମନ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

**ପ୍ରଶାସନ ନିରବଦ୍ରଷ୍ଟା**

# ସାଲେପାଲି ଗ୍ରାମରେ ଚୈତ୍ର ପୂର୍ଣ୍ଣିମା ପାଳିତ



**ସୁନ୍ଦରଗଡ଼, ୨୪।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ସଦର ବ୍ଲକ ସାଲେପାଲି କଲୋନୀପଡ଼ାସ୍ଥିତ ମା' ତାରିଣୀ ପୀଠରେ ଚୈତ୍ର ପୂର୍ଣ୍ଣିମା ପାଳିତ ହୋଇଛି। ଏହି ଅବସରରେ କୃଷ୍ଣଗୁରୁ ନାମଯଜ୍ଞ ସହ ଚଣ୍ଡୀ ପାଠ ହୋଇଛି। ସତ୍ୟବାନ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଦୀପକ ନାଏକ ଓ ତାଙ୍କ ସହଧର୍ମିଣୀ ଅଞ୍ଜଳି ନାଏକ ଚଣ୍ଡୀପାଠରେ ମୁଖ୍ୟକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କୃଷ୍ଣଗୁରୁ ନାମଯଜ୍ଞରେ ବାସୁଦେବ ତନ୍ତ୍ରସମାଜ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ଓ ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅର୍ଶିନୀ କୁମାର ନାଏକ ଅତିଥି ଭାବେ ଯୋଗ ଦେଇ ମା'ଙ୍କ ଆଶିଷ କାମନା କରିଥିଲେ। ବିନୟ ପଟେଲ, ପରକ୍ଷିତ ଭୈଷାଲ, ମଧୁସୂଦନ ରାଉତ, ବୀରେନ ପଟେଲ, ବିବେକ ପଟେଲ, ସ୍ୱର୍ଣ୍ଣ ମାଝୀ, ଆନନ୍ଦ ବେହେରା ଦେଓ, ନେତ୍ରାନନ୍ଦ ବେହେରା, ଜାନୁରାମ ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

## ପାଣି ଟ୍ୟାଙ୍କର ପଛରେ ଧକ୍କାହୋଇ ସ୍କୁଟି ଚାଳକ ମୃତ

**ରାଉରକେଲା, ୨୪।୪(ସମିସ):** ୧୪୩ନଂ ଜାତୀୟ ରାଜପଥର ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଛକ ନିକଟସ୍ଥରେ ଠିଆ ହୋଇଥିବା ଏକ ପାଣି ଟ୍ୟାଙ୍କରକୁ ପଛପଟୁ ସ୍କୁଟି ଧକ୍କାଦେବା ଫଳରେ ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ କୁମଝରିଆ ଅଞ୍ଚଳର ବିର୍ସା ଟିଗା ଓରଫ ବୁଦ୍ଧୁ (୪୫)। ପାଣି ଟ୍ୟାଙ୍କର କୁଆଁରମୁଣ୍ଡାରୁ ବୀରମିତ୍ରପୁର ପଟକୁ ଆସୁଥିବା ବେଳେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜାତୀୟ ରାଜପଥ କଡ଼ରେ ଠିଆ ହୋଇଥିଲା। ତେବେ ସେହି ପଟୁ କୁଆଁରମୁଣ୍ଡା ଦେଇ ବିର୍ସା ନିଜ ଘର କୁମଝରିଆକୁ ସ୍କୁଟି ଯୋଗେ ଫେରୁଥିବା ସମୟରେ ପାଣି ଟ୍ୟାଙ୍କରକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ସେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଆଁରମୁଣ୍ଡା ଡାକ୍ତରଖାନା ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୁଆଁରମୁଣ୍ଡା ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ି ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଥାନା ନିକଟରେ ଖୋଲିଲା ଜଳଛତ୍ର



**ରାଜଗାଙ୍ଗପୁର, ୨୪।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ପୁଲିସ ତରଫରୁ ବୁଧବାର ଥାନା ନିକଟରେ ଏକ ଜଳଛତ୍ର ଖୋଲିଛି। ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ଯୋଗଦେଇ ବାଟୋଇ, ସ୍କୁଲପିଲାଙ୍କୁ ପଣା ବଣ୍ଟନ କରିବା ସହ ଅଂଶୁଘାତ ସମ୍ବନ୍ଧରେ ସଚେତନ କରିଥିଲେ।

# ଅବ୍ୟବସ୍ଥାରେ ମଧୁପୁର ହୋମିଓପାଥି ମେଡିକାଲ





**ବଣାଇଁ, ୨୪।୪(ସମିସ)**

ଆଖପାଖ ଗ୍ରାମାଞ୍ଚଳ ସହ ସ୍ଥାନୀୟ ଲୋକଙ୍କ ସୁବିଧା ନିମନ୍ତେ ବଣାଇଁ ବ୍ଲକ କେନ୍ଦ୍ରିକଳା ପଞ୍ଚାୟତ ମଧୁପୁରଠାରେ ରହିଛି ଏକ ହୋମିଓପାଥି ଡାକ୍ତରଖାନା। ଏଠାରେ ଜଣେ ଡାକ୍ତର ଏବଂ ଜଣେ କମ୍ପାଉଣ୍ଡରଙ୍କୁ ନିୟୋଜିତ କରି ସରକାର ମାସକୁ ମାସ ଦରମା ମଧ୍ୟ ପ୍ରଦାନ କରୁଛନ୍ତି। କିନ୍ତୁ ବିଡ଼ମ୍ବନା, ରୋଗୀ ଆସୁଥିଲେ ମଧ୍ୟ ଡାକ୍ତରଖାନାକୁ ନିୟମିତ ଡାକ୍ତର କିମ୍ବା କମ୍ପାଉଣ୍ଡର ଆସୁନାହାନ୍ତି। ଅଧିକାଂଶ ଦିନ ଡାକ୍ତରଖାନା ବନ୍ଦ ରହିଥିବାରୁ ଏହାର ପରିସର ଜଙ୍ଗଲରେ ପରିଣତ ହୋଇଛି। ସପ୍ତାହର ଅର୍ଦ୍ଧାଧିକ ଦିନ ଡାକ୍ତରଖାନା ଗେଟ୍‌ରେ ତାଲା ଝୁଲୁଥିବା ବେଳେ ଲୋକେ ସେବା ପାଇବା ଆଶାରେ ଏଠାକୁ ଆସି ନିରାଶରେ ଫେରୁଛନ୍ତି। ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଡାକ୍ତରଖାନା ଉପରେ ନିର୍ଭର କରି ଔଷଧ ଆଣୁଥିଲେ। ହୋମିଓପାଥି ଔଷଧର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବାରୁ ଲୋକଙ୍କ ଦ୍ୱାରା ଏହା ବେଶ୍ ଆଦୃତ ହୋଇଛି। ବିଶେଷକରି ପିଲାମାନଙ୍କ ଚିକିତ୍ସା ପାଇଁ ହୋମିଓପାଥି ଅଧିକ ଗୁରୁତ୍ୱ ଦିଆଯାଏ। ଗରିବଙ୍କ ଭରସାର ଏହି ଚିକିତ୍ସା କିନ୍ତୁ ଏଠାରେ ଅବହେଳିତ।

**● ଝୁଲୁଛି ତାଲା, ଆସୁନାହାନ୍ତି ଡାକ୍ତର**

ଡାକ୍ତରଖାନାକୁ ଡାକ୍ତର ଆସୁ ନ ଥିବା ବେଳେ ଅଧିକାଂଶ ସମୟ ଏହା ବନ୍ଦ ରହୁଥିବାରୁ ଲୋକମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଲୋକେ ନିରାଶ ହୋଇ ଜରୁରୀ ସମୟରେ ଅନ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଏହି ଡାକ୍ତରଖାନା ପରିସର ଅଳିଆ ଆବର୍ଜନା ହୋଇ ପଡ଼ିଥିବାରୁ ଏବେ ଏଠାରେ ବିଷାକ୍ତ ଜୀବଜନ୍ତୁ ବାସ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଯେଉଁ ଉଦ୍ଦେଶ୍ୟ ନେଇ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ଡାକ୍ତରଖାନା ନିର୍ମାଣ କରାଯାଇଥିଲା, ବର୍ତ୍ତମାନ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଯେଉଁଠାରେ ରୋଗୀଙ୍କ ଚିକିତ୍ସା କରାଯାଉଥିଲା ତାହା ଏବେ ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଛି। ଡାକ୍ତରଖାନା ପରିସରରେ ଡାକ୍ତରଙ୍କ ରହିବା ପାଇଁ ବାସଗୃହ ରହିଥିଲେ ମଧ୍ୟ ତାହା ବ୍ୟବହାର କରାଯାଉ ନାହିଁ। ଫଳରେ ଲକ୍ଷାଧିକ ଟଙ୍କାରେ ନିର୍ମିତ କୋଠାଘର ଏବେ ଭୂତକୋଠିରେ ପରିଣତ ହୋଇଛି।

ଏଠାକାର ଅବସ୍ଥା ଦେଖିଲେ ରୋଗୀ ଭଲ ହେବା ବଦଳରେ ଆହୁରି ରୋଗଗ୍ରସ୍ତ ହେବାର ଭୟ ଅନେକଙ୍କ ମଧ୍ୟରେ ସୃଷ୍ଟି ହେଉଛି। ଏପରିକି ଏହା ଭିତରକୁ ପ୍ରବେଶ କରିବାକୁ ମଧ୍ୟ ଲୋକେ ଡରୁଛନ୍ତି। ତେବେ ଆବଶ୍ୟକ ରକ୍ଷଣାବେକ୍ଷଣ କରା ନ ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଡାକ୍ତରଖାନା ପରିସରକୁ ନିୟମିତ ସଫେଇ କରାଯିବା ସହ ନିୟମିତ ଡାକ୍ତର ଆସିଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ବିଜେପି ମିଶ୍ରଣ ପର୍ବରେ ରାଉରକେଲା ବିଜେଡିର କେହି ନାହାନ୍ତି

**ରାଉରକେଲା, ୨୪।୪(ସମିସ):** ରାଉରକେଲା ବିଜେଡିର ଶତାଧିକ କର୍ମୀ, ନେତା ଦଳ ଛାଡ଼ି ବିଜେପି ବିଧାୟକ ପ୍ରାର୍ଥୀ ଦିଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରି ବିଜେପିରେ ସାମିଲ ହୋଇଥିବା ପ୍ରସାରିତ ଖବରକୁ ରାଉରକେଲା ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ରାଉରକେଲା ବିଜେଡି ମୁଖପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ଯେଉଁମାନେ ବିଜେପିରେ ସାମିଲ ହୋଇଛନ୍ତି ସେମାନେ କେବେ ବିଜେଡିରେ ନ ଥିଲେ। ରାଉରକେଲାର କିଛି ବ୍ୟବସାୟୀ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଭୁବନେଶ୍ୱର ବିଜେଡିର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରି ବିଫଳ ଏବଂ ଅପମାନିତ ହେବା ପରେ ରାଉରକେଲା ଫେରି ନିଜ ସ୍ୱାର୍ଥ ସାଧନ ପାଇଁ ବିଜେପି ମଙ୍ଗ ଧରିଛନ୍ତି, ଯାହାକି ସେମାନଙ୍କ ଅସଲ ଉଦ୍ଦେଶ୍ୟକୁ ରାଉରକେଲାବାସୀ ଜାଣିପାରିଛନ୍ତି। ରାଜ୍ୟ ବିଜେଡି ପକ୍ଷରୁ ପ୍ରତ୍ୟାଖ୍ୟାତ ହେବା ପରେ ସେମାନେ ପ୍ରେସ ରିଲିଜ ଜରିଆରେ ବିଜେଡି ପ୍ରାର୍ଥୀ ସାରଦା ନାୟକଙ୍କୁ ନିର୍ବାଚନରେ ସହଯୋଗ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଅପରପକ୍ଷେ ସେମାନେ ପୂର୍ବରୁ ବହୁବାର ବିଜେପି ପ୍ରାର୍ଥୀଙ୍କ ସହ ନିଜ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ବେଳେ ସେହି ତଥାକଥିତ ନେତାମାନେ ପୁନର୍ବାର ବିଜେପିର ମିଶ୍ରଣ ପର୍ବରେ ଯୋଗଦେଇ ନାଟକ ରଚିବା ସହ ରାଉରକେଲାବାସୀଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରିଛନ୍ତି। ଏହାକୁ ରାଉରକେଲା ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଉକ୍ତ ମିଶ୍ରଣରେ ରାଉରକେଲା ବିଜେଡିର କୌଣସି କର୍ମକର୍ତ୍ତା ନ ଥିଲେ ବୋଲି ବିଜେଡି ନଗର ସଭାପତି ଗଗନ ପଣ୍ଡା, ଜିଲ୍ଲା ବିଜେଡି ଯୁବ ସଭାପତି ବିଭୂତି ପୁହାଣ, ଜ୍ୟୋସ୍ନା ନାୟକ, ରାଉରକେଲା ଯୁବ ସଭାପତି ସୁଶାନ୍ତ ରାଉତ, ଜିଲ୍ଲା ମୁଖପାତ୍ର ଜୟନ୍ତ କୁମାର ମିଶ୍ର ସ୍ପଷ୍ଟ କରିଛନ୍ତି।

## ଶୌଚାଳୟ ଟାଙ୍କିରୁ ଗାଈ ଉଦ୍ଧାର

**ବଣାଇଁ, ୨୪।୪(ସମିସ):** କେନ୍ଦ୍ରିକଳା ପଞ୍ଚାୟତ ଉପରପଡ଼ା ଗ୍ରାମର ଲକ୍ଷ୍ମୀପ୍ରିୟା ତ୍ରିପାଠୀଙ୍କ ଶୌଚାଳୟ ଟାଙ୍କିରେ ପଡ଼ିଥିବା ଏକ ଗାଈକୁ ଉଦ୍ଧାର କରିଛି ବଣାଇଁ ଅଗ୍ନିଶମ ବିଭାଗ। ବୁଧବାର ସକାଳେ ଗ୍ରାମର କ୍ଷୀରେଶ୍ୱର ପତିଙ୍କ ଗାଈ ଚରିବା ପାଇଁ ନିକଟସ୍ଥ



ବିଲ ଆଡ଼କୁ ଯାଇଥିବା ବେଳେ ଖାଦ୍ୟ ଅନ୍ୱେଷଣରେ ଲକ୍ଷ୍ମୀଙ୍କ ବାଡ଼ିରେ ପଶିଥିଲା। ବାଡ଼ ନ ଥିବାରୁ ଘର ପଛ ଦେଇ ଯିବା ସମୟରେ ଶୌଚାଳୟ ଟାଙ୍କିର ସ୍ଲାବ (ଢାଙ୍କୁଣି) ଗାଈ ଓଜନ ସମ୍ଭାଳି ନ ପାରି ଭାଙ୍ଗିଯାଇଥିଲା। ଘରେ କେହି ନ ଥିବାରୁ ଟାଙ୍କିରେ ଗାଈ ପଡ଼ିଥିବା କେହି ଜାଣିପାରି ନ ଥିଲେ। ନିଜ କାମ ସାରି ଅପରାହ୍ନରେ ଲକ୍ଷ୍ମୀ ଘରକୁ ଫେରି ବାଡ଼ିପଟକୁ ଯିବାବେଳେ ଟାଙ୍କିରେ ଗାଈ ପଡ଼ିଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଈକୁ ଉଦ୍ଧାର କରିଥିଲେ।

## ଆର୍‌ଏସ୍‌ପିର ସପ୍ ବିଭାଗ କର୍ମଚାରୀଙ୍କୁ 'ସାବାସ' ପୁରସ୍କାର



**ରାଉରକେଲା, ୨୪।୪(ସମିସ):** ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ ସପ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସପ୍ସ ବିଭାଗର ୨୦ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଯୋଗଦାନ ପାଇଁ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଡିଜାଇନ ଓ ସପ୍ସ ବିଭାଗ ସିଜିଏମ ରବି ରଞ୍ଜନ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଆରଏସଏମ ବିଭାଗ ଜିଏମ ଡିକେ ନାୟକ, ଏସ ଆଣ୍ଡ ଏଫ ସପ ଏବଂ ପିସିଏସ ବିଭାଗ ଜିଏମ ଏସସି ସାବତ, କାର୍ମିକ ବିଭାଗ ସିନିୟର ମ୍ୟାନେଜର ଜୟନ୍ତ କୁମାର ଦାଶ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଉକ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସପ୍ସ ମେକାନିକାଲ ବିଭାଗ ଏଜିଏମ କେଆର ମିଶ୍ର ସଂଯୋଜନା କରିଥିଲା ବେଳେ ଏଜିଏମ ନରେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ପୁରସ୍କୃତ ସମୁଦାୟ ୨୦ କର୍ମଚାରୀଙ୍କ ମଧ୍ୟରୁ ୧୦ ଜଣ ମେକାନିକାଲ୍ ସପ ବିଭାଗର, ୬ ଜଣ ଫାଉଣ୍ଡ୍ରିରୁ ଏବଂ ୪ ଜଣ ଷ୍ଟ୍ରକଚରାଲ ଆଣ୍ଡ ଫ୍ୟାବ୍ରିକେସନ୍ ସପ ବିଭାଗର ଅନ୍ତର୍ଭୁକ୍ତ ଥିଲେ। ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ସିଟ୍ ସିୟରିଂ ଲାଇନ୍‌ରେ ଉଲ୍ଲେଖନୀୟ ଅବଦାନ ପାଇଁ ଏମାନଙ୍କୁ ପୁରସ୍କୃତ କରାଯାଇଛି।

## ୨୭ରୁ ପ୍ରଥମ ରୟାଲ ଓପନ କରାଟେ ଚାମ୍ପିଅନସିପ୍




**ରାଉରକେଲା, ୨୪।୪(ସମିସ):** ଓଡ଼ିଶା ସିତୋରିଓ କରାଟେ ଇଣ୍ଡିଆ ଅର୍ଗାନାଇଜେସନ ପକ୍ଷରୁ ପ୍ରଥମ ରୟାଲ କରାଟେ ଓପନ ଚାମ୍ପିଅନସିପ-୨୦୨୪ ଆସନ୍ତା ୨୭ ଓ ୨୮ ତାରିଖ ସ୍ଥାନୀୟ ଭଞ୍ଜଭବନରେ ଅନୁଷ୍ଠିତ ହେବ। ଏନେଇ ସେକ୍ଟର-୧୯ ସ୍ଥିତ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ମୁଖ୍ୟ ଅନୁଦେଷ୍ଟା ଧର୍ମେନ୍ଦ୍ର ସିଂ, ସଭାପତି ରାଜେଶ ପ୍ରସାଦ ଦାସ, ସମ୍ପାଦକ ଶିବ ପ୍ରସାଦ ନାଥ, ସଭ୍ୟ ଉମାଶଙ୍କର ଦୁବେ, ରକି ଖାଡ଼ିଆ, ନାରାୟଣ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି। ଏହି ଚାମ୍ପିଅନସିପରେ ରାଉରକେଲା, କଟକ, ଝାରସୁଗୁଡ଼ା, ସୁନ୍ଦରଗଡ଼, ଜାମସେଦପୁର ପ୍ରମୁଖ ସ୍ଥାନରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରେ ଅଂଶଗ୍ରହଣକାରୀଙ୍କ ଓଜନ ଓ ବୟସ ଅନୁଯାୟୀ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗରେ ପୁରୁଷ ଓ ମହିଳାମାନେ ଭାଗନେବେ। ସେମାନଙ୍କୁ ଯୋଗ୍ୟତା ଭିତ୍ତିରେ ଗୋଲ୍ଡ, ସିଲଭର, ବ୍ରୋଞ୍ଜ ମେଡାଲ ଓ ଯେଉଁମାନେ ବ୍ଲାକ ବେଲ୍ଟ ପରୀକ୍ଷା ଦେଇଥିଲେ ସେମାନଙ୍କୁ ଯୋଗ୍ୟତା ଭିତ୍ତିରେ ବ୍ଲାକ ବେଲ୍ଟ ପ୍ରଦାନ କରାଯିବ। ଏହି ଅବସରରେ ଅନୁଦେଷ୍ଟା ସିଂ ଓ ସଭାପତି ଦାସ ସୂଚନା ଦେଇ କହିଲେ ଯେ କରାଟେର ଅର୍ଥ ଖାଲି ହାତ। କରାଟେ ବ୍ୟକ୍ତିକୁ ସୁରକ୍ଷା, ଆତ୍ମବିଶ୍ୱାସ, ଶାରୀରିକ ସୁସ୍ଥତା ଓ ମାନସିକ ଦୃଢ଼ତା ପ୍ରଦାନ କରିଥାଏ ବୋଲି କହିଥିଲେ। ଏଣୁ ଏହି ପ୍ରତିଯୋଗିତାରେରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି। ଶେଷରେ ସଭ୍ୟ ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇଟେକ୍ ମେଡିକାଲ୍‌ରେ ସଫଳ ଟ୍ୟୁମର ଅସ୍ତ୍ରୋପଚାର



**ରାଉରକେଲା, ୨୪।୪(ସମିସ):** ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ସଫଳ ଟ୍ୟୁମର ଅସ୍ତ୍ରୋପଚାର ହୋଇଛି। ବାସନ୍ତୀ କଲୋନୀ ମାଲଗୋଦାମ ବସ୍ତିର ୪୯ ବର୍ଷୀୟା ମଧୁ ଦେବୀଙ୍କ ପେଟରୁ ଅସ୍ତ୍ରପୋଚାର କରାଯାଇ ୮.୩ କେଜିର ଟ୍ୟୁମର ବାହାର କରାଯାଇଛି। ମଧୁଙ୍କ ପେଟରେ ଦୀର୍ଘ ୮ ବର୍ଷ ଧରି ଏକ ଟ୍ୟୁମର ରହିଥିଲା। ୬ ମାସ ପୂର୍ବେ ଏହାର ଆକାର ବୃଦ୍ଧି ପାଇବାରେ ଲାଗିଥିଲା। ଫଳରେ ଯେଉଁ ପରିମାଣର ଭୋକ ହେବା କଥା ତାହା ହେଉ ନ ଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ମାଧ୍ୟମରେ ହାଇଟେକ୍ ହସ୍ପିଟାଲରେ ତାଙ୍କ ଚିକିତ୍ସା କରାଯାଇଥିଲା। ସର୍ଜରୀ ବିଭାଗର ବରିଷ୍ଠ ଚିକିତ୍ସକ ଡା. ଅରୁଣ କୁମାର ପାଣ୍ଡେ ଅସ୍ତ୍ରୋପଚାର କରି ୮ କେଜି ୩୦୦ ଗ୍ରାମ ଓଜନର ଟ୍ୟୁମର ବାହାର କରିଥିଲେ। ଅସ୍ତ୍ରୋପଚାର ପରେ ମଧୁଙ୍କୁ କିଛିଦିନ ଆଇସିୟୁରେ ରଖାଯିବା ପରେ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ସୂଚନାଯୋଗ୍ୟ, ଆଜି ଯାଏଁ ଏହି ହସ୍ପିଟାଲରେ ମୋଟ ୨୩ଟି ଟ୍ୟୁମର ଅସ୍ତ୍ରୋପଚାର କରାଯାଇଛି। ଏଭଳି ବହୁ ରୋଗୀ ଯଥା ଯେଉଁମାନଙ୍କ ପାଖରେ ଅର୍ଥ ନାହିଁ, ସେମାନଙ୍କ ପାଇଁ ବିଏସ୍‌କେୱାଇ କାର୍ଡ ବରଦାନ ସଦୃଶ ହୋଇଛି ବୋଲି କୁହାଯାଇଛି।

## ଆର୍‌ଏସ୍‌ପି ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ପ୍ରତିଯୋଗିତା

**ରାଉରକେଲା, ୨୪।୪(ସମିସ):** ଆର୍‌ଏସ୍‌ପି ଦ୍ୱାରା ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ଆଗାମୀ ସେବିକା ଦିବସ ପାଳନ ଉପଲକ୍ଷେ ବିବିଧ ପ୍ରତିଯୋଗିତା ଆରମ୍ଭ ହୋଇଛି। ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ ଚିତ୍ରାଙ୍କନ ପ୍ରତିଯୋଗିତା ସହ ଏହି ଅଭିଯାନ ଆରମ୍ଭ ହୋଇଥିଲା। ସେହିପରି ବରବଧୂ ବେଶପୋଷାକ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କ ପରିଧାନ ସ୍ୱାଦର ପରୀକ୍ଷା କରାଯାଇଥିଲା। ଫୁଡ୍ ଫେଷ୍ଟ ଆଉ ଏକ ଆକର୍ଷଣୀୟ ପ୍ରତିଯୋଗିତା ଥିଲା ଯେଉଁଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇଥିଲେ। ପ୍ରତ୍ୟେକ ଗୋଷ୍ଠୀକୁ ତିନିଟି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ଏବଂ ବିକ୍ରି କରିବାକୁ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଯେଉଁ ଗ୍ରୁପ୍ ସର୍ବାଧିକ ଲାଭ କରିଥିଲା ସେମାନଙ୍କୁ ବିଜେତା ଘୋଷିତ କରାଯାଇଥିଲା।

ରଙ୍ଗୋଲି ଏବଂ ସୋଲୋ ଗୀତ ପରି ଅନ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ମାନସିକ ଦକ୍ଷତା ପରୀକ୍ଷା କରିବାକୁ ଅନ ଦି ସ୍ପଟ ପ୍ରବନ୍ଧ ଏବଂ ପ୍ରାଥମିକ ରାଉଣ୍ଡ କୁଇଜ୍ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।



## ଡିସିବିଏଲ୍ ପକ୍ଷରୁ ଟିକାକରଣ କେନ୍ଦ୍ର ଉଦ୍‌ଘାଟିତ

**ରାଉରକେଲା, ୨୪।୪(ସମିସ)**

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ (ଡିସିବିଏଲ୍) ରାଜଗାଙ୍ଗପୁର, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏନଏଚଏମ ସୁନ୍ଦରଗଡ଼, ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହଯୋଗରେ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର କାରଖାନାର ସ୍ପନ୍ଦନ ହେଲ୍‌ଥ ସେଣ୍ଟରରେ ନୂତନ ଟିକାକରଣ କେନ୍ଦ୍ର ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ସିଏଚସି ଅଧୀକ୍ଷକ ଡା. ଜେସି ଟପ୍ପୋ, ରାଜଗାଙ୍ଗପୁର ୟୁପିଏଚ୍‌ସି ମେଡିକାଲ ଅଫିସର ଡା. ଏମ ଲତା ପିଲ୍ଲେ, ରାଜଗାଙ୍ଗପୁର ସିଏଚ୍‌ସି ଏମ୍‌ପିଏଚ୍‌ଡବ୍ଲ୍ୟୁ ବିଏସ୍ ରାଓ, ଡିସିବିଏଲ୍ ନିର୍ବାହୀ ନିର୍ଦ୍ଦେଶକ ଚେତନ ଶ୍ରୀବାସ୍ତବ, ଏଇଡି ଡା. ଧର୍ମେନ୍ଦ୍ର କୁମାର ସିଂ ଏବଂ କ୍ଲଷ୍ଟର ମୁଖ୍ୟ ଚିକିତ୍ସା ଅଧିକାରୀ, ଡା. କବିତା ସିଂ ଅତିଥିଭାବେ



ଯୋଗଦେଇଥିଲେ। ଏହି ପଦକ୍ଷେପ ଦ୍ୱାରା ୧ ମାସରୁ ୧୦ ବର୍ଷ ବୟସ୍କ ପିଲାମାନେ ଉପକୃତ ହେବେ। ପ୍ରତି ମାସର ଚତୁର୍ଥ ବୁଧବାର ସକାଳ ୭ଟାରୁ ୧୧ଟା ମଧ୍ୟରେ ଟିକାକରଣ ସେବା ଉପଲବ୍ଧ ହେବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଡିସିବିଏଲ୍ ରାଜଗାଙ୍ଗପୁରସ୍ଥିତ ସ୍ପନ୍ଦନ ହେଲ୍‌ଥ ସେଣ୍ଟରରେ ଲୋକଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ ପାଇଁ ଏକ ଡାକ୍ତରୀଦଳ ଏବଂ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ ରହିଛି। ଏଠାରେ ଡାକ୍ତରୀ ପରାମର୍ଶ, ଫାର୍ମାସୀ ସେବା ଏବଂ ନର୍ସିଂଯତ୍ନ ଆଦି ସେବା ପ୍ରଦାନ କରାଯାଉଛି। କଲୋନୀ ବାହାରେ ଥିବା କର୍ମଚାରୀ, ତାଙ୍କ ପରିବାର ସଦସ୍ୟ ଏବଂ ବାସିନ୍ଦାଙ୍କ ପାଇଁ ଓପିଡି ସେବା ସହିତ ୨୪ ଘଣ୍ଟିଆ ଜରୁରୀକାଳୀନ ଏବଂ ଆମ୍ବୁଲାନ୍ସ ସେବା ସ୍ପନ୍ଦନ ଯୋଗାଇଥାଏ। ଏହି ହେଲ୍‌ଥ ସେଣ୍ଟରରେ ଆଇପିଡି ସେବା ଏବଂ ଜରୁରୀକାଳୀନ ୱାର୍ଡ ସେବା ମଧ୍ୟ ପ୍ରଦାନ କରାଯାଏ। ୭ ଜଣ ତାଲିମପ୍ରାପ୍ତ ନର୍ସ ଏବଂ ଅନ୍ୟ ପାରାମେଡିକାଲ୍ କର୍ମଚାରୀଙ୍କ ବ୍ୟତୀତ ଏହି ହେଲ୍‌ଥ ସେଣ୍ଟରରେ ତିନିଜଣ ଦକ୍ଷ ଡାକ୍ତର ରହିଛନ୍ତି।

## ଆର୍‌ଏସ୍‌ପି ଦ୍ୱାରା ପାର୍ଶ୍ୱାଞ୍ଚଳର ବିଦ୍ୟାର୍ଥୀଙ୍କୁ ଆର୍ଥିକ ସହାୟତା

**ରାଉରକେଲା, ୨୪।୪(ସମିସ):** ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶ ସ୍ୱରୂପ ବୃତ୍ତିଗତ ଶିକ୍ଷାଲାଭ ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲା, ଆଦର୍ଶ ଇସ୍ପାତ ଗ୍ରାମ, ପୁନର୍ବସତି କଲୋନୀର ୩୧ ଅନୁସୂଚିତ ଜାତି, ଜନଜାତି ଏବଂ ଗରିବ ଛାତ୍ରଛାତ୍ରୀଙ୍କୁ ଏପ୍ରିଲ ୨୦ ତାରିଖ ୨୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା (ଛାତ୍ରବୃତ୍ତି) ପ୍ରଦାନ କରିଛି।




ଏହି ଯୋଜନା ଅଧୀନରେ ପ୍ରତ୍ୟେକ ବର୍ଷ ବୃତ୍ତିଗତ ସ୍ନାତକ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ୧୦ ଛାତ୍ରୀଙ୍କ ସମେତ ୨୦ ବିଦ୍ୟାର୍ଥୀ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ୫ ଛାତ୍ରୀଙ୍କ ସମେତ ୧୦ ବିଦ୍ୟାର୍ଥୀଙ୍କୁ ଏହି ବୃତ୍ତି ପ୍ରଦାନ ନିମନ୍ତେ ଚୟନ କରାଯାଉଛି। ଉକ୍ତ ପ୍ରୟାସ ଅନ୍ତର୍ଗତ ବାର୍ଷିକ ୩୦ ହଜାର ଟଙ୍କା ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ଅର୍ଥାତ ୨ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ୬୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ଇଞ୍ଜିନିୟରିଂ ଭଳି ବିଟେକ, ବିଇ/ବିଏସସି କୃଷି ଏବଂ ୪ ବର୍ଷିଆ ସ୍ନାତକ ପାଠ୍ୟକ୍ରମ ନିମନ୍ତେ ୧ ଲକ୍ଷ ୨୦ ହଜାର ଟଙ୍କା, ୫ ବର୍ଷିଆ ଏମବିବିଏସ ଡାକ୍ତରୀ ଡିଗ୍ରୀ କିମ୍ବା ଇଣ୍ଟିଗ୍ରେଟେଡ୍ ଇଞ୍ଜିନିୟରିଂ ନିମନ୍ତେ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚୟନୀତ ଛାତ୍ରଛାତ୍ରୀଙ୍କୁ କିସ୍ତିରେ ପ୍ରତ୍ୟେକ ବର୍ଷ ଏହି ବୃତ୍ତିରାଶି ସେମାନଙ୍କ ଅଧ୍ୟୟନରେ ବାର୍ଷିକ ପ୍ରଦର୍ଶନ ଏବଂ ପାଠ୍ୟକ୍ରମ ଜାରି ରଖିଥିବା ସମ୍ବନ୍ଧୀୟ ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଇଥାଏ।

ଏହି ପ୍ରୟାସ ଅନ୍ତର୍ଗତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରକଳ୍ପ ଓ ଆଧୁନିକୀକରଣ ବିଭାଗ ସିଜିଏମ ସୁଦୀପ ପାଲଚୌଧୁରୀ ଚଳିତ ବର୍ଷର ୩୧ ଜଣ ଲାଭାର୍ଥୀ ଛାତ୍ରଛାତ୍ରୀମାନଙ୍କୁ ପ୍ରତୀକ ଚେକ ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସିଏସଆର ବିଭାଗ ଜିଏମ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଯୋଜନା ବିଷୟରେ ସୂଚନା ଦେଇଥିଲେ। ସିଏସଆର ବିଭାଗ ଏଜିଏମ ଟିବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିବା ବେଳେ ଡେପୁଟି ମ୍ୟାନେଜର ରିଚା ସୁଧୀରାମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ

## ବ୍ୟବଚ୍ଛେଦ ପରେ ପୋତି ଦିଆଗଲା



**ଲହୁଣୀପଡ଼ା, ୨୪।୪(ସମିସ)**

ରାଉରକେଲା ବନଖଣ୍ଡ ବାଙ୍କି ବନାଞ୍ଚଳ କେବଲାଙ୍ଗ ସେକ୍ସନ ଡାଲିମ୍ବଡିହ ଗ୍ରାମ ନିକଟରେ ଥିବା କୁରାଡ଼ି ନାଳ ପାଣିରେ ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ ଘଟିଛି। ଏହି ଅସୁସ୍ଥ ଦନ୍ତାହାତୀ କେଇଡ଼ା ରେଞ୍ଜ ଅଞ୍ଚଳରୁ ଗତ ୨୨ ତାରିଖ ରାତିରେ ପଳାଇଆସିଥିଲା। ଡାଲିମ୍ବଡିହ ନାଳ ନିକଟରେ ଏହାକୁ ଠାବ କରାଯାଇଥିଲା। ଖବର ପାଇ ବାଙ୍କି ବନବିଭାଗ ଦନ୍ତାହାତୀ ଉପରେ ଦୃଷ୍ଟି ରଖିଥିବା ବେଳେ ମଙ୍ଗଳବାର ସକାଳୁ କୋଇଡ଼ା ପ୍ରାଣୀ ଚିକିତ୍ସା ଟିମ, ରାଉରକେଲା ପ୍ରାଣୀ ଚିକିତ୍ସା ଟିମ, ଅନୁଗୋଳ ଭେଟନାରି ଟିମ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ହାତୀକୁ ଔଷଧ ଦିଆଯିବା ସହ ଡାଲିମ୍ବ, ତରଭୁଜ ଆଦି ଦିଆଯାଇଥିଲା। ହାତୀ ମଧ୍ୟ ତାହାକୁ ଖାଇଥିଲା। ତେବେ ହାତୀ କେତେବେଳେ ପାଣି ଭିତରେ ବସୁଥିଲା ତ ଆଉ କେତେବେଳେ ଠିଆ ହେଉଥିଲା। ସାମାନ୍ୟ ଚଲାବୁଲା ମଧ୍ୟ କରୁଥିଲା। ବନବିଭାଗ ଟିମ ସହ ଆରସିସିଏଫ ରାମା ସାମି, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଏସିଏଫ ସୌମ୍ୟରଞ୍ଜନ ଗୋଛାୟତ, ବାଙ୍କି ରେଞ୍ଜ ଅଧିକାରୀ ଆଶ୍ରିତା ଗମାଙ୍ଗ ପ୍ରମୁଖ ହାତୀ ଚଳପ୍ରଚଳକୁ ନିରୀକ୍ଷଣ କରୁଥିଲେ। ତେବେ ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ହାତୀ ନାଳ ପାଣିରେ ଯାଇ ବସିଥିଲା। ଧୀରେ ଧୀରେ ହାତୀ ସ୍ୱାସ୍ଥ୍ୟରେ ଅବନତି ଘଟିବା ସହ ରାତି ପ୍ରାୟ ୩ଟାରେ ଆଉ ହଲଚଲ ହୋଇ ନ ଥିଲା। ଡାକ୍ତରୀ ଟିମ ପରୀକ୍ଷା କରି ହାତୀର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ବୁଧବାର ବ୍ୟବଚ୍ଛେଦ ପରେ ଜେସିବି ସାହାଯ୍ୟରେ ଗାତ ଖୋଳାଯାଇ ମୃତଦେହ ପୋତି ଦିଆଯାଇଛି। ହାତୀର ବୟସ ୧୦ରୁ ୧୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

# ହେମଗିରି, ସିଦାରପଡ଼ାରେ ନାମଯଜ୍ଞ ସମ୍ପନ୍ନ



**ହେମଗିରି, ୨୪।୪(ସମିସ)**: ହେମଗିରି ଓ ଟପରିଆ ସିଦାରପଡ଼ାରେ ସୋମବାରଠାରୁ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ନଗର ପରିକ୍ରମା ଓ ଦଧିହାଣ୍ଡି ଭଞ୍ଜନ କାର୍ଯ୍ୟକ୍ରମ ସହ ସମ୍ପନ୍ନ ହୋଇଛି। ହେମଗିରି ଚନ୍ଦନନଗର ନାମଯଜ୍ଞ କମିଟି ସଭାପତି ଲଳିତ ବଗାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସମସ୍ତ ସାହି ବାସିନ୍ଦାଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ନାମଯଜ୍ଞ ଶେଷ ହୋଇଛି। ସେହିପରି ଟପରିଆ ସିଦାରପଡ଼ାରେ ଚାଲିଥିବା ନାମଯଜ୍ଞର ଶେଷ ଦିନରେ ନଗର ପରିକ୍ରମା ତଥା ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ନାମଯଜ୍ଞ କମିଟି ସଭାପତି ପର୍ଶୁରାମ ଦାସ ଓ ସମ୍ପାଦକ ସୁରେଶ ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କର୍ତ୍ତା ରୂପେ ପୂର୍ଣ୍ଣାନନ୍ଦ ପଧାନ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରିଥିଲେ।

## ■ ନାବାଳିକାଙ୍କୁ ନେଇ ଫେରାର ଘଟଣା

# ବିବାହିତ ଯୁବକ କଟକରୁ ଗିରଫ

**ରାଉରକେଲା, ୨୪।୪(ସମିସ)**: ନବମ ଶ୍ରେଣୀରେ ପାଠ ପଢ଼ୁଥିବା ଟାଙ୍ଗରପାଲି ଥାନା ଲାଲଟାଙ୍କି ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ନେଇ ଫେରାର ହୋଇଯାଇଥିବା ବିବାହିତ ଯୁବକଙ୍କୁ ପୁଲିସ କଟକରୁ ଗିରଫ କରିଛି। ଏଥିସହ ନାବାଳିକାଙ୍କୁ ଉଦ୍ଧାର କରିଛି ପୁଲିସ। ଗିରଫ ଯୁବକ ହେଲେ ବଣ୍ଟି ଶର୍ମା (୩୦)। ସେ ବିବାହିତ ଓ ତାଙ୍କର ଗୋଟିଏ ସନ୍ତାନ ଅଛି। ବଣ୍ଟିଙ୍କ ସ୍ତ୍ରୀ ସମ୍ପୃକ୍ତ ଛାତ୍ରୀଙ୍କୁ ଟ୍ୟୁସନ କରୁଥିବା ବେଳେ ଏହାର ସୁଯୋଗ ନେଇ ବଣ୍ଟି ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କୁ ପ୍ରେମଜାଲରେ ଫସାଇଥିଲେ। ପରେ ତାଙ୍କୁ ନେଇ ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଏ ନେଇ ଟାଙ୍ଗରପାଲି ଥାନାରେ ଅଭିଯୋଗ ହେବା ପରେ ଆଇଆଇସି ରାମେଶ୍ୱର ସିଂହ ବଣ୍ଟି ଓ ନାବାଳିକାଙ୍କ ଫୋନ ଟ୍ରାକ୍ କରି ଉଭୟ କଟକରେ ଥିବା ଜାଣିବାକୁ ପାଇଥିଲେ। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ କଟକ ଯାଇ ଉଭୟଙ୍କୁ ଏକ ଲଜ୍‌ରେ ଠାବ କରିଥିଲା। ସେଠାରୁ ବଣ୍ଟିଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପୋକ୍ସୋ ଆଇନ ଅନୁଯାୟୀ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ■ ପରସ୍ପର ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ

# ଦୁଇ ଜୋତା ଦୋକାନୀ ଗିରଫ

**ସୁନ୍ଦରଗଡ଼, ୨୪।୪(ସମିସ)**: ସୁନ୍ଦରଗଡ଼ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ୨ ଜୋତା ଦୋକାନୀଙ୍କ ମଧ୍ୟରେ ବୁଧବାର ମାରପିଟ ହୋଇଛି। ଗ୍ରାହକ ଡକାଡକିକୁ ନେଇ ତୁମୁଳକାଣ୍ଡ ଘଟିଛି। ଏହାକୁ ନେଇ ଦୋକାନୀ ଆରିୟନ ତୋଲାନୀ ପଡ଼ୋଶୀ ଦୋକାନୀ ମହେଶ ତୋଲାନୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ ଆଣିଥିବା ବେଳେ ମହେଶ ମଧ୍ୟ ଆରିୟାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ କରିଛନ୍ତି। ସୁନ୍ଦରଗଡ଼ ଟାଉନ ଥାନାରେ ପରସ୍ପର ବିରୋଧରେ ଅଭିଯୋଗ ପରେ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗଙ୍ଗାଧରପାଲିରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା



**ରାଉରକେଲା, ୨୪।୪(ସମିସ)**:

ଗଙ୍ଗାଧରପାଲିରେ ହନୁମାନ ଜୟନ୍ତୀ ଧୁମଧାମରେ ପାଳିତ ହୋଇଛି। ଗଙ୍ଗାଧରପାଲିସ୍ଥିତ ଶ୍ରୀ ପବନପୁତ୍ର ହନୁମାନ ଆଖଡ଼ା ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରମମନ୍ତ୍ରୀ ତଥା ବିଧାୟକ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗଦେଇ ନଡ଼ିଆ ଭାଙ୍ଗି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଏସଟିଆଇ ଓଭରବ୍ରିଜ୍ ହୋଇ ସିଭିଲ୍ ଟାଉନସିପ୍, ମଡର୍ଣ୍ଣ ଇଂଲିସ୍ ସ୍କୁଲ ପଡ଼ିଆ, ପାନପୋଷ ସରକାରୀ ସ୍ୱୟଂଶାସିତ କଲେଜ ଛକ, ତାରିଣୀ ମନ୍ଦିର ଦେଇ ହନୁମାନ ମନ୍ଦିର ନିକଟରେ ଶେଷ ହୋଇଥିଲା। ଆଖଡ଼ା ଖେଳାଳିମାନଙ୍କ ଦ୍ୱାରା ଲାଠି ଖେଳ ଏବଂ ଅନ୍ୟାନ୍ୟ ଖେଳ ପ୍ରଦର୍ଶିତ ହୋଇଥିଲା। ଶୋଭାଯାତ୍ରା ଦେଖିବାକୁ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା। କମିଟି ସଭାପତି ପିଙ୍କୁ ଜୈସୱାଲ, ସାଧାରଣ ସମ୍ପାଦକ ରାଜେଶ ସେଠୀ, କୋଷାଧ୍ୟକ୍ଷ ଭୋଲା ଯାଦବ, ଉପସଭାପତି ଅମିତ ବଂଶଲ, ହିତେଶ ନାଗ, ବିଷ୍ଣୁ ଆଲୋକ ନାଥ, ବ୍ରାହ୍ମାନନ୍ଦ ସାମଲ, ମନୋଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# କୁଟି ଦୋକାନରେ ନିଆଁ; ଜଳିଗଲା ବିପୁଳ ଗୋଖାଦ୍ୟ

**ରାଉରକେଲା, ୨୪।୪(ସମିସ)**: କୁଟି ଦୋକାନରେ ନିଆଁ ଲାଗି ଜଳିଯାଇଛି ବିପୁଳ ପରିମାଣର ଗୋଖାଦ୍ୟ। ସେକ୍ଟର-୧୬ ଜଗନ୍ନାଥପାଲିଠାରେ ବୁଧବାର ଏହି ଘଟଣା ଘଟିଛି। ସ୍ଥାନୀୟ ଧୋବୀଘାଟରେ ରହୁଥିବା ଅଶୋକ କୁମାର ରଜକ କୁଟି ଓ ଗୋଖାଦ୍ୟ ବ୍ୟବସାୟ କରନ୍ତି। ସେ ଗୋଦାମରେ ଏ ସବୁ ରଖିଥିଲେ। ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୮୦ କ୍ୱିଣ୍ଟାଲ ଓଜନର ଗୋଖାଦ୍ୟ ପୋଡ଼ିଯାଇଥିବା ଅଭିଯୋଗ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ମାଲିକ କହିଛନ୍ତି। ମାତ୍ର ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।



# ୧୦ ଲିଟର ମହୁଲି ଜବତ

**ରାଉରକେଲା, ୨୪।୪(ସମିସ)**: ସ୍ଥାନୀୟ ଟାଙ୍ଗରପାଲି ଥାନା ଅନ୍ତର୍ଗତ ଅଟୋ କଲୋନୀ ଅଞ୍ଚଳରୁ ପୁଲିସ ୧୦ ଲିଟର ମହୁଲି ମଦ ଜବତ କରିଛି। ଏହି ଘଟଣାରେ ପୁଲିସ ଗୁରୁବାରୀ ଲୋହରା ନାମକ ଜଣେ ମହିଳାଙ୍କୁ ଗିରଫ କରିଛି।

# କାର୍ ଧକ୍କାରେ ଓଲଟିଲା କାର୍: ଶିଶୁ ମୃତ

**ଲହୁଣୀପଡ଼ା, ୨୪।୪(ସମିସ)**:

୧୪୩ ନମ୍ବର ଜାତୀୟ ରାଜପଥର ଚାନ୍ଦିପୋଷ ଥାନା ମୂଷାବିରା ଛକ ନିକଟରେ ଏକ କାର ଧକ୍କାରେ ଅନ୍ୟ ଏକ କାର ଓଲଟିପଡ଼ିବାରୁ ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତକ ହେଲେ ମୂଷାବିରା ଗ୍ରାମର ଜଗନ୍ନାଥ ଓରାମଙ୍କ ପୁଅ ଋଷବ ଓରାମ (୫)। ମିଳିଥିବା ସୂଚନା ମୁତାବକ ଜଗନ୍ନାଥଙ୍କ ସହ ଋଷବ ଏବଂ ତାଙ୍କ ପରିବାର ଲୋକେ କାର ଯୋଗ ମୂଷାବିରା ଛକ ଦେଇ ନିଜ ଗ୍ରାମକୁ ଯାଉଥିବା ସମୟରେ ରାଉରକେଲା ପଟୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ କାର୍ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଜଗନ୍ନାଥଙ୍କ କାର ଓଲଟି ପଡ଼ିଥିଲା। କାରରେ ବସିଥିବା ଋଷବ ଗାଡ଼ିରେ ଚାପିହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଲହୁଣୀପଡ଼ା ଡାକ୍ତରଖାନା ଅଣାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଧର୍ମଗଡ଼ ଓ ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଧର୍ମଗଡ଼/କୋକସରା/ଜୁନାଗଡ଼, ୨୪।୪(ସମିସ)**







ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଅବସରରେ ବୁଧବାର ବିଜେପି ଓ କଂଗ୍ରେସର ପ୍ରାର୍ଥୀ ସମର୍ଥକଙ୍କ ଗହଣରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଧର୍ମଗଡ଼ର ବିଜେପି ପ୍ରାର୍ଥୀ ସୁଧୀର ପାଟଯୋଷୀ ଅଧିଷ୍ଠାତ୍ରୀ ଦେବୀ ଭଣ୍ଡାରଘରଣୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେପି ସାଂସଦ ପ୍ରାର୍ଥୀନୀ ମାଳବିକା ଦେଓ ଓ ତାଙ୍କ ସ୍ୱାମୀ ଅର୍କ କେଶରୀ ଦେଓ ଓ ବିଜେପିର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ନାମାଙ୍କନ ପତ୍ର ଦାଖଲ ସମୟରେ ଉପସ୍ଥିତ ଥିଲେ। ସେହିପରି ଧର୍ମଗଡ଼ କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ରଶ୍ମିରେଖା ରାଉତ ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ନିକଟରୁ ନିଜର ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ତୁଷାର ରଞ୍ଜନ ପାଟଯୋଶୀ, ଡମ୍ବରୁଧର ଲହଜଲ ଓ ଲକ୍ଷ୍ମଣ ଶବର ପ୍ରମୁଖ ଉପସ୍ଥିତ ଥିଲେ।

ଜୁନାଗଡ଼ ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ମନୋଜ ମେହେର ନିଜ ସମର୍ଥକମାନଙ୍କ ଗହଣରେ ଆସି ଧର୍ମଗଡ଼ଠାରେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ରଙ୍କଠାରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ପ୍ରଥମେ ହନୁମାନ ମନ୍ଦିରରୁ ଲଙ୍କେଶ୍ୱରୀ ପୀଠକୁ ଯାଇ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଲୋକସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ନିରୂପମା ନାଏକ, ବରିଷ୍ଠ ନେତା ଅଜୟ କୁମାର ପାଣିଗ୍ରାହୀ, ପୂର୍ବତନ ନଗରପାଳ ସୁଧାଂଶୁ ବରାଡ଼, ଜଗା ମହାନ୍ତି, କୁମ୍ବଲେ ପାଣିଗ୍ରାହୀ, ହିମାଂଶୁ ବରାଡ଼, ସରପଞ୍ଚ ଦିବ୍ୟ ଦୀପ, ବିଜୟ ଦଣ୍ଡସେନାଙ୍କ ସମେତ ବିଜେପିର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଓଡ଼ିଶା ଜନତା ଦଳ ପ୍ରାର୍ଥୀ ରବି ହରିଜନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ଲଖୁଆଘାଟି ଗାଁ

## ଅଭିଯୋଗ ସତ୍ତ୍ୱେ ଶୁଣୁନାହାନ୍ତି ଜନପ୍ରତିନିଧି, ପ୍ରଶାସନ

**ରାଜଗାଙ୍ଗପୁର, ୨୪।୪(ସମିସ)**: ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଜନସାଧାରଣ ଏବେ ବି ଅବହେଳିତ ଜୀବନ ବିତାଉଛନ୍ତି। ଉନ୍ନତ ମାନର ଗମନାଗମନ ବ୍ୟବସ୍ଥା ପାଇଁ ବିଭିନ୍ନ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ରାଜଗାଙ୍ଗପୁର ବ୍ଲକ ଲଖୁଆଘାଟି ଗ୍ରାମବାସୀ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଆଜିପର୍ଯ୍ୟନ୍ତ ଗାଁକୁ ଭଲ ରାସ୍ତାଟିଏ ନ ଥିବାରୁ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏପରି କି ଚିକିତ୍ସା ପାଇଁ ଯିବାକୁ ହେଲେ ମଧ୍ୟ ରୋଗୀ କିମ୍ବା ଗର୍ଭବତୀ ମହିଳାମାନେ ମୁଖ୍ୟ ରାସ୍ତାକୁ ପାଦରେ ଚାଲି ଚାଲି ଯାଉଛନ୍ତି। ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଁକୁ ଯାଇପାରୁନାହିଁ। ସେହିପରି ପାନୀଜ ଜଳ ଟୋପେ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏ ପର୍ଯ୍ୟନ୍ତ ଗାଁକୁ ପାଇପ ଯୋଗେ ଜଳ ଯୋଗାଣ ହୋଇପାରିନାହିଁ। ଗ୍ରାମରେ ଗୋଟିଏ ନଳକୂପ ଅଛି। ହେଲେ ସେଥିରୁ ପର୍ଯ୍ୟାପ୍ତ ପାଣି ବାହାରୁନାହିଁ। ଗୋଟିଏ ବାଲ୍ଟି ପାଣି ବାହାର କରିବାକୁ ଦୀର୍ଘ ସମୟ ଲାଗିଯାଉଛି। ଗ୍ରୀଷ୍ମଋତୁ ୪ ମାସ ଉତ୍କଟ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ସ୍ନାନ ଓ ଶୌଚ ପାଇଁ ଏକ ନାଳ ଉପରେ ନିର୍ଭର କରୁଛନ୍ତି। ଏ ବିଷୟରେ ଗ୍ରାମବାସୀ ରାଜଗାଙ୍ଗପୁର ବ୍ଲକ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ରାସ୍ତା, ପାନୀୟ ଜଳ ଓ ଏକ ଚେକଡ୍ୟାମ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ମାଳିଡିହି ସରପଞ୍ଚ ସିମ୍ନୀ ଟପୋଙ୍କୁ ପଚାରିବାରୁ କହିଲେ, ପାଣି ନ ଥିବାରୁ କାମ ହୋଇପାରୁ ନାହିଁ। ସରକାରଙ୍କ ପାଇପ୍ ଜଳ ଯୋଜନାରେ ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଯାଉଥିବାରୁ ନୂଆ ନଳକୂପ ଖୋଳିବା ବନ୍ଦ ହୋଇଯାଇଥିବା ସେ କହିଛନ୍ତି। ତେବେ ଯଥାଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।





